# ସୋନପୁର ପୌରପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର

ନଂ ୪୫୫୫                ତା. ୨୪-୦୨-୨୦୨୬

## ବିଜ୍ଞାପନ

ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ଉପଖଣ୍ଡ ସୋନପୁର ଙ୍କ ପତ୍ର ସଂଖ୍ୟା ୬୯, ତା; ୧୫ / ୦୧/୨୦୨୬ ଅନୁଯାୟୀ ତିନି ଗୋଟି ( ୦୩ ) " ଜଳସାଥୀ" ଚୟନ ସକାଶେ ସୋନପୁର ପୌରପରିଷଦ ତରଫରୁ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି। ଏଥି ନିମନ୍ତେ ସୋନପୁର ପୌରପରିଷଦ ଅନ୍ତର୍ଗତ ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ଓ ଆଞ୍ଚଳିକ ସ୍ତରୀୟ ମହିଳା ମହାସଂଘ ଗୁଡ଼ିକୁ ଜଣାଇ ଦିଆଯାଉଅଛି କି ମିଶନ ଶକ୍ତି ଗୋଷ୍ଠୀ ର ଯେ କୌଣସି ସଦସ୍ୟା ଏହି ପ୍ରକ୍ରିୟା ରେ ଭାଗ ନେବା ପାଇ ଚାହୁଁଛନ୍ତି ସେ ଏହି ପ୍ରକ୍ରିୟା ରେ ଭାଗ ନେବା ସମ୍ବନ୍ଧୀୟ ମିଶନ ଶକ୍ତି ଗୋଷ୍ଠୀ ତରଫରୁ ଆବେଦନକାରୀ ସଦସ୍ୟା ଙ୍କୁ ମନୋନୀତ କରାଯାଇଥିବା ଅଧିବେଶନ ବୀବରଣୀ ର ନକଲ, ପରିଶିଷ୍ଟ " କ " ରେ ପ୍ରଦାନ କରାଯାଇଥିବା " Basic Information of MSG With Acknowledgement From Bank " ସହ ନିମ୍ନ ଲିଖିତ ଦରକାରୀ ଦସ୍ତାବିଜ ସହିତ ଆବେଦନ ଫର୍ମ ବାବଦକୁ ୩୦୦ ଟଙ୍କା କାର୍ଯ୍ୟ ନିର୍ବାହୀ ଅଧିକାରୀ, ସୋନପୁର ଙ୍କ ନାମରେ ଡ଼ିମାଣ୍ଡ ଡ୍ରାଫ୍ଟ ସହ ତା ୦୬/ ୦୩ / ୨୦୨୬ ରିଖ ଅପରାହ୍ନ ୫ ଟା ସୁଦ୍ଧା ରେଜିଷ୍ଟ୍ରି ପୋଷ୍ଟ ମାଧମରେ ଜଳସାଥୀ ଚୟନ ନିମନ୍ତେ ଆବେଦନ ପତ୍ର ଜଉ ମୁଦ ଲଫାପାରେ ଦାଖଲ କରନ୍ତୁ। ଡାକ ବିଳମ୍ବ ଏବଂ ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ(ଏପରିକି ଡାକ ଯୋଗେ ବିଳମ୍ବ ମଧ୍ୟା ଗ୍ରହଣୀୟ ନୁହେଁ ) ଏବଂ ଆସନ୍ତା ତା ୧୦.୦୩.୨୦୨୬ ରିଖ ୧୧.00 ଘଟିକା ସମୟରେ ପୌରପରିଷଦ ସ୍ତରୀୟ ଚୟନ କମିଟି ବୈଠକ ରେ ନିମ୍ନ ସ୍ୱାକ୍ଷ୍ୟରକାରୀଙ୍କ କାର୍ଯ୍ୟାଳୟ ର ସଭାଗୃହ ଠାରେ ଆବେଦନ ପତ୍ର ଗୁଡ଼ିକୁ ଖୋଲାଯିବା ସହ ଯାଞ୍ଚ କରାଯିବ। , ପରିଶିଷ୍ଟ " ଖ " ରେ ଦିଆଯାଇଥିବା Assessment Index ଅନୁସାରେ ମାର୍କ ଆଧାର ରେ ଚୟନ କରାଯିବ। ଜଳସାଥୀ ଭାବେ ନିଯୁକ୍ତି ପାଇଁ କରାଯାଉଥିବା ମୂଲ୍ୟାୟନ ପ୍ରକ୍ରିୟାରେ, ମିଶନ ଶକ୍ତି ଗୋଷ୍ଠୀ ର ଆବେଦନକାରୀ ସଦସ୍ୟା 30 % ରୁ କମ୍ ମାର୍କ ପାଇଲେ, ସେହି ସଦସ୍ୟା ଚୟନ ପ୍ରକ୍ରିୟା ରେ ଭାଗ ନେଇ ପାରିବେ ନାହିଁ ଏବଂ ଯଦି ଏକାଧିକ Mission Shakti Group ଆବେଦନକାରୀ ସଦସ୍ୟା ସମାନ ମାର୍କ ଅର୍ଜନ କରନ୍ତି, ତେବେ ଜଳସାଥୀ ଭାବେ ଅନ୍ତିମ ଚୟନ ଲଟେରୀ ପ୍ରକ୍ରିୟା ମାଧ୍ୟମରେ କରାଯିବ। ଲଫାପା ଉପରେ " ଜଳସାଥୀ ନିମନ୍ତେ ଆବେଦନ ପତ୍ର "ଲେଖାଥିବା ଆବଶ୍ୟକ। କର୍ତ୍ତୃପକ୍ଷଙ୍କ ନିକଟରେ କ୍ଷମତା ଭୁକ୍ତ ଏହିକି ଯେ କୌଣଶି ଦରଖାସ୍ତ କାରୀଙ୍କୁ ନିର୍ଦ୍ଦିଷ୍ଟ କାରଣ ମତେ କୌଣସି ବି ସମୟରେ ପ୍ରତ୍ୟାଖାନ କରିଦେଇ ପାରିବେ।

ଦରକାରୀ ଦସ୍ତାବେଜ :

୧ ) ମିଶନ ଶକ୍ତି ଗୋଷ୍ଠୀ ସଭାନେତ୍ରୀ ଙ୍କ ଆଧାର କାର୍ଡ ର ନକଲ
୨ ) ମିଶନ ଶକ୍ତି ଗୋଷ୍ଠୀ ଙ୍କ PAN କାର୍ଡ ର ନକଲ
୩ ) ମିଶନ ଶକ୍ତି ଗୋଷ୍ଠୀ ଙ୍କ ରେଜିଷ୍ଟ୍ରେସନ କପି ନକଲ
୪ ) ମିଶନ ଶକ୍ତି ଗୋଷ୍ଠୀ ଙ୍କ ବ୍ୟାଙ୍କ ଖାତା ର ପ୍ରଥମ ପୃଷ୍ଠା ଏବଂ ଶେଷ ୬ ମାସ ର ବ୍ୟାଙ୍କ ଷ୍ଟେଟମେଣ୍ଟ
୫ ) ମିଶନ ଶକ୍ତି ଗୋଷ୍ଠୀ ଙ୍କ ରିଜୋଲୁସନ ଖାତା ର ପ୍ରଥମ ପୃଷ୍ଠା ଓ ଶେଷ ୬ ମାସ ର ନକଲ
୬ ) ଆବେଦନକାରୀ ସଦସ୍ୟା ଙ୍କ ଆଧାର କାର୍ଡ ର ନକଲ
୭ ) ଆବେଦନକାରୀ ସଦସ୍ୟା ଙ୍କ ଶିକ୍ଷାଗତ ଯୋଗ୍ୟତା ର ସମସ୍ତ ନକଲ

କାର୍ଯ୍ୟ ନିର୍ବାହୀ ଅଧିକାରୀ
ସୋନପୁର ପୌରପରିଷଦ

ପରିପତ୍ର ସଂଖ୍ୟା : ୪୫୬ ତାରିଖ : ୨୪-୦୨-୨୦୨୬
ଏହାର ଏକକିତା ନକଲ ସୋନପୁର ପୌରପରିଷଦ ର ଅଧକ୍ଷା ଏବଂ ସୋନପୁର ପୌରପରିଷଦ ର ସମସ୍ତ କାଉନସିଲର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ସୋନପୁର ପୌରପରିଷଦ

ପରିପତ୍ର ସଂଖ୍ୟା : ୪୫୩ ତାରିଖ : ୨୪-୦୨-୨୦୨୨

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ , ସୋନପୁର / ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ ସୋନପୁର ଉପଖଣ୍ଡ / ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୋନପୁର / ତହସିଲଦାର ସୋନପୁର ଙ୍କ ଅବଗତି ଓ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଲଟକା ଜାରି କରିବା ନିମନ୍ତେ ପ୍ରେରଣ କରାଗଲା

କାର୍ଯ୍ୟ ନିର୍ବାହୀ ଅଧିକାରୀ
ସୋନପୁର ପୌରପରିଷଦ

ପରିପତ୍ର ସଂଖ୍ୟା : ୪୫୮ ତାରିଖ : ୨୪-୦୨-୨୦୨୨

ଏହାର ଏକକିତା ନକଲ ସମସ୍ତ ୱାର୍ଡ ଅଧିକାରୀ, **Municipal Engineer, Accountant, District Mission Manager , Community Organizer** ସୋନପୁର ପୌରପରିଷଦ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ସୋନପୁର ପୌରପରିଷଦ

ପରିପତ୍ର ସଂଖ୍ୟା : ୪୫୫ ତାରିଖ : ୨୪-୦୨-୨୦୨୨

ଏହାର ଏକକିତା ନକଲ **Junior Engineer PHEO** ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ସୋନପୁର ପୌରପରିଷଦ

ପରିପତ୍ର ସଂଖ୍ୟା : ୪୦୦ ତାରିଖ : ୨୪-୦୨-୨୦୨୨

ଏହାର ଏକକିତା ନକଲ **DIO , NIC** ସୋନପୁର ଙ୍କୁ **Website** ରେ **Upload** କରିବା ନିମନ୍ତେ ପ୍ରେରଣ କରାଗଲା

କାର୍ଯ୍ୟ ନିର୍ବାହୀ ଅଧିକାରୀ
ସୋନପୁର ପୌରପରିଷଦ

ପରିପତ୍ର ସଂଖ୍ୟା : ୪୦୭ ତାରିଖ : ୨୪-୦୨-୨୦୨୨

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ , ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ସୁବର୍ଣ୍ଣପୁର ଏବଂ ଜିଲ୍ଲାପାଳ ସୁବର୍ଣ୍ଣପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ସୋନପୁର ପୌରପରିଷଦ

## ଜଳସାଥୀ ଚୟନ ନିମନ୍ତେ ଆବଶ୍ୟକ ଯୋଗ୍ୟତା :

୧ ) ଆବେଦନକାରୀ ସଦସ୍ୟା ଙ୍କ ବୟସ ୧୮ ରୁ ୪୫ ବର୍ଷ ହୋଇଥିବା ଆବଶ୍ୟକ
୨ ) ଆବେଦନକାରୀ ସଦସ୍ୟା ଦୁଇବର୍ଷ ଧରି ସକ୍ରିୟ ସଦସ୍ୟା ଭାବରେ ମିଶନ ଶକ୍ତି ଗୋଷ୍ଠୀ ରେ କାମ କରିଥିବେ।
୩ ) ଆବେଦନକାରୀ ସଦସ୍ୟା ଙ୍କ ନାମରେ ପାସ ବୁକ୍ ସହିତ ଡେବିଟ କାର୍ଡ ( ATM ) ଥିବା ଆବଶ୍ୟକ।
୪ ) ଆବେଦନକାରୀ ସଦସ୍ୟା ନ୍ୟୁନତମ ଦଶମ ଶ୍ରେଣୀ ( ଶିକ୍ଷାଗତ ଯୋଗ୍ୟତା ) ପାସ କରିଥିବା ଆବଶ୍ୟକ।
୫ ) ଆବେଦନକାରୀ ସଦସ୍ୟା କୌଣସି ଅପରାଧିକ ମାମଲା ବା ରାଜନୈତିକ ସଂପୃକ୍ତି ନଥିବ।
୬ ) ଆବେଦନକାରୀ ସଦସ୍ୟା ଙ୍କ ବ୍ୟକ୍ତିଗତ ସ୍ମାର୍ଟ ଫୋନ ଥିବା ଆବଶ୍ୟକ।
୭ ) ଆବେଦନକାରୀ ସଦସ୍ୟା କୌଣସି ସରକାରୀ ଯୋଜନା ରେ କାର୍ଯ୍ୟ କରୁନଥିବେ ( ଯଥା - ସ୍ୱଚ୍ଛ ଭାରତ ମିଶନ )

## ସର୍ତ୍ତାବଳୀ :

ଏତଦ୍ୱାରା ସୋନପୁର ପୌରପରିଷଦ ର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ ଜଳସାଥୀ ପଦବୀ ଟି ସଂପୂର୍ଣ୍ଣ ଭାବରେ ଚୁକ୍ତି ଭିତ୍ତିକ ନିଯୁକ୍ତି ଅଟେ। ଜନସ୍ୱାସ୍ଥ୍ୟ ବିଭାଗ, ସୋନପୁର ଦ୍ୱାରା ସୋନପୁର ସହରର ପ୍ରତ୍ୟେକ ପରିବାରକୁ ଯୋଗାଇ ଦିଆଯାଇଥିବା ପାନୀୟ ଜଳ ବାବଦ କୁ ସରକାର ଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ରାଶି କୁ ଅସୁଲ କରିବା , ମାସିକ ଜଳ ପରୀକ୍ଷା, ନୂତନ ପାନୀୟ ଜଳ ସଂଯୋଗ ସକାଶେ ପାଞ୍ଚ ଗୋଟି (୦୩) ଜଳସାଥୀ ସୋନପୁର ପୌରପରିଷଦ ପାଇଁ ଆବଶ୍ୟକତା ଥିବା ଦୃଷ୍ଟିରୁ ଏବଂ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ଉପଖଣ୍ଡ ସୋନପୁର ଙ୍କ ପତ୍ର ସଂଖ୍ୟା ୭୯ , ତା; ୧୫/୦୧/୨୦୨୬ ଅନୁଯାୟୀ ତିନି ଗୋଟି ଜଳସାଥୀ ଚୟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଅଛି। ଜଳସାଥୀ ମାନେ ଚୟନ ହେଲାପରେ ସଂପୂର୍ଣ୍ଣ ଭାବରେ ଜନସ୍ୱାସ୍ଥ୍ୟ ବିଭାଗ, ସୋନପୁର ଦ୍ୱାରା ପରିଚାଳିତ ହେବେ ଏବଂ ନିର୍ଦ୍ଦେଶ, ଉପଦେଶ, ନୀତି ଏବଂ ନିୟମ ଅନୁଯାୟୀ କାର୍ଯ୍ୟ କରିବେ। ଏହି ପଦବୀ ନିମନ୍ତେ ବିଜ୍ଞାପନ ରେ ଦିଆଯାଇଥିବା ଯୋଗ୍ୟତା, ଆବଶ୍ୟକୀୟ ଦସ୍ତାବେଜ ସହିତ MPOS Machine ପାଇବା ପାଇଁ ଏହାର Security Deposit ବାବଦକୁ ଟ. ୧୦,୦୦୦ /- ( ଦଶ ହଜାର ଟଙ୍କା ) ( ଫେରସ୍ତ ଯୋଗ୍ୟ ) ହିସାବରେ ଜନସ୍ୱାସ୍ଥ୍ୟ ବିଭାଗ ରେ ଥିବା ଅଧିକାରୀ ଙ୍କ ନାମରେ deposit କରିବା ପାଇଁ ସମର୍ଥ ରହିଥିବା ଆବଶ୍ୟକ। ପରବର୍ତ୍ତୀ ସମୟରେ ଜନସାଥୀ ମାନଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ସୋନପୁର ଦ୍ୱାରା ଅନୁଷ୍ଠାନିକ ଭବାରେ ନିଯୁକ୍ତି ପତ୍ର ଦେବା ସହିତ ଚୁକ୍ତି କରିବା ସଙ୍ଗେ ସଙ୍ଗେ ତାଲିମ ଦେବା ସହିତ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯିବ।

## ସରକାର ଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି :

୧ ) ଜଳସାଥୀ ମାଧମରେ ଘରୋଇ ( ଏକ ଗୋଟି ଘର ) ନୂତନ ଜଳ ସଂଯୋଗ କରିବା ପାଇଁ ଟ. ୧୦୦ /- ଏବଂ ବ୍ୟବସାୟ ବା ବାଣିଜ୍ୟ ସମ୍ବନ୍ଧୀୟ ବ୍ୟବହୃତ ହେଉଥିବା ଗୋଟିଏ ଘର ପାଇଁ ନୂତନ ଜଳ ସଂଯୋଗ ବାବଦ କୁ ଟ. ୨୦୦ /- ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଅଛି।

୨ ) ପ୍ରତ୍ୟେକ ମାସରେ ଜଳସାଥୀ ଦ୍ୱାରା ଆଦାୟ କରାଯାଇଥିବା ମୋଟ ରାଶି ର ୭.୫ % ପ୍ରତିଶତ ଜଳସାଥୀ ମାନଙ୍କୁ ପ୍ରଦାନ କରିବା ନିମନ୍ତେ ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଅଛି ଯାହାକି ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଦାନ କରାଯିବ।

୩ ) ପ୍ରତ୍ୟେକ ମାସରେ ଗୋଟିଏ ଜଳସାଥୀ ଙ୍କ ଦ୍ୱାରା ଅତି କମରେ ୧୦୦ ଟି ଜଳର ମାତ୍ର ବା ମାନ ଓ ଗୁଣ ପରୀକ୍ଷା କରାଯିବ ଏବଂ ଗୋଟିଏ ପରୀକ୍ଷା ବାବଦ କୁ ଜଳସାଥୀମାନଙ୍କୁ ଟ.୧୦/- ହିସାବରେ ପ୍ରଦାନ କରାଯିବ।

ପରିଶିଷ୍ଟ " କ "

# Basic Information of MSG with Acknowledgement from Bank

1. Name of The SHG –
2. SHG Address –
3. Date of SHG Formation – SHG Code -
4. Total Numbers of Members in SHG –
5. Present Livelihood Activities Undertaking –
6. Bank and Branch Name –
7. Bank Account Number – IFSC Code –
8. Contact Number of SHG –
9. Funds Available in the Savings Bank Account –
   a. Regular Savings ( Yes / No ) -
   b. Amount of Savings -
   c. Loan Taken from Bank ( Yes / No ) - .................. ( If Yes , Loan Amount - ................... )
   d. Mode of Loan Repayment ( Regular / Irregular ) –
   e. Meeting Register Maintained ( Yes / No ) –

Seal & Signature of The SHG President

Date :

Seal & Signature of The SHG Secretary

Date :

# Acknowledgement from Bank

This is to Certify that the ............................................................ ..... Mission Shakti Group of Sonepur Municipality , Ward No ............................ , Account Number ........................................................................ is having Regular Repayment of Loan / Non Performing Asset / Not Availed any Loan.

Seal & Signature of The Bank Manager / Authorised Signatory

Date :

ପରିଶିଷ୍ଟ " ଘ "

## ASSESSMENT INDEX

| Sl No | Assessment Parameter | Marks | Means of Verification | Remarks |
|---|---|---|---|---|
| 1 | Adherence to standard Practices of Group (Pancha Sutra) | 20 | Register & Bank Pass book of Mission Shakti Group | Regular Meeting – 4<br>Regular Saving – 4<br>Regular Internal lending –4<br>Regular Repayment – 4<br>Regular Record keeping – 4 |
| 2 | No. of Active members | 10 | Register & Bank Pass book of Mission Shakti Group | 10 Active members = 10<br>7 to 9 Active members = 8<br>4 to 7 Active members = 6<br>Less than 4 Active member = 0 |
| 3 | Educational Qualification | 30 | document verification | 10 th Class = 10<br>Above 10th Class / +2 = 15 |
| 4 | Operate Android Mobile | 20 | verification | |
| 5 | Interview | 20 | | |
| | Total Marks | 100 | | |

# ସୁବର୍ଣ୍ଣପୁର ପୌର ପରିଷଦ, ସୁବର୍ଣ୍ଣପୁର

## ଜଳସାଥୀ ପଦବୀ ନିମନ୍ତେ ଆବେଦନ ଫର୍ମ

| | | |
|---|---|---|
| ୧ | ସଭ୍ୟାଙ୍କ ନାମ | |
| ୨ | ସଭ୍ୟା ବାସ କରୁଥିବା ସ୍ଥାନର ସମ୍ପୂର୍ଣ୍ଣ ଠିକଣା | |
| ୩ | ସଭ୍ୟାଙ୍କର ବୟସ | |
| ୪ | ନୂତନ ୱାର୍ଡ ସଂଖ୍ୟା | |
| ୫ | ସ୍ୱୟଂ ସହାୟକ ଗୋଷ୍ଠୀର ନାମ | |
| ୬ | ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ଠାରୁ ସଦସ୍ୟା ଅଛନ୍ତି? | |
| ୭ | ସଭ୍ୟାଙ୍କର ଶିକ୍ଷାଗତ ଯୋଗ୍ୟତା | |
| ୮ | ସଭ୍ୟାଙ୍କର ମୋବାଇଲ ନମ୍ବର | |

ସତ୍ୟପାଠନାମା:

ମୁଁ କୁମାରୀ/ଶ୍ରୀମତୀ ____________________ ପିତା/ସ୍ୱାମୀଙ୍କ ନାମ ____________________, ଘୋଷଣା କରୁଅଛି ଯେ, ମୋର ନିଜର SMARTPHONE ଅଛି, ମୁଁ ବର୍ତ୍ତମାନ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନାହିଁ ଓ ମୋ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନାହିଁ । ଯଦି ଭବିଷ୍ୟତରେ କୌଣସି ପ୍ରମାଣ ମିଳେ ତେବେ ମୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଁ ପ୍ରସ୍ତୁତ ଅଛି ।

ଆବେଦନକାରୀ ସଭ୍ୟାଙ୍କ ସ୍ୱାକ୍ଷର

ସଂଲଗ୍ନ କରାଯାଇଥିବା ଆବଶ୍ୟକୀୟ ଦସ୍ତାବିଜ :

୧। ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ (ସାର୍ଟିଫିକେଟ୍ ଓ ମାର୍କସିଟ୍ ଉଭୟର ନକଲ )

୨। ଜନ୍ମ ତାରିଖର ପ୍ରମାଣପତ୍ରର ନକଲ (ଆଧାର କାର୍ଡ)

୩। ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ସାମିଲ ହେଲେ ତାହାର ପ୍ରମାଣ (ଅଧିବେଶନ ବିବରଣୀ)

୪। ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସଭ୍ୟଙ୍କୁ ମନୋନୀତ କରାଯାଇଥିବା ଅଧିବେଶନ ବିବରଣୀର ନକଲ

୫। ବ୍ୟକ୍ତିଗତ ବ୍ୟାଙ୍କ ପାସବୁକର ନକଲ ।

୬। ପାସପୋର୍ଟ ଫୋଟୋ- ୧ଟି

ସଭାନେତ୍ରୀଙ୍କ ଦସ୍ତଖତ ଓ ମୋହର

ସମ୍ପାଦିକାଙ୍କ ଦସ୍ତଖତ ଓ ମୋହର

